# ବିଭିନ୍ନ ଟ୍ରେନ୍ ଚଳାଚଳ ବିଳମ୍ବ: ଯାତ୍ରୀ ଅସନ୍ତୁଷ୍ଟ

## ରୁପ୍ରା ଷ୍ଟେଶନରେ ଆନ୍ଦୋଳନ

ରାୟଗଡ଼ା ଅଫିସ,୧୦।୪

କଳାହାଣ୍ଡି ଜିଲା ରୁପ୍ରା ରୋଡ୍ ରେଳ ଷ୍ଟେଶନରେ ବିଭିନ୍ନ ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବିରେ ରବିବାର ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ଫଳରେ ରାୟଗଡ଼ା-ସମ୍ବଲପୁର ରେଳ ଡିଭିଜନ ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ବିଶାଖାପାଟଣା ଠାରୁ ହଜରତ ନିଜାମୁଦ୍ଦିନ ଯାଉଥିବା ସମତା ଏକ୍ସପ୍ରେସ ରାୟଗଡ଼ା ଷ୍ଟେଶନରେ ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲେ ମଧ୍ୟ ଦୀର୍ଘ ୨ଘଣ୍ଟା ଅଟକି ରହିଥିଲା। ସେହିପରି ଜଗଦଲପୁର- ହାୱାଡା ସମଲେଶ୍ୱରୀ ଏକ୍ସପ୍ରେସ ମୁନିଗୁଡ଼ାରେ, ବିଶାଖାପାଟଣା-ମୁମ୍ବାଇ ଲୋକମାନ୍ୟ ତିଲକ ସୁପରଫାଷ୍ଟ ଏକ୍ସପ୍ରେସ ଅମ୍ବାଦଳାରେ ଏବଂ ବିଶାଖାପାଟଣା-ରାୟପୁର ପାସେଞ୍ଜର ଟ୍ରେନ୍ ଲାଞ୍ଜିଗଡ଼ ଷ୍ଟେଶନରେ ଅଟକି ରହିଥିଲା। ଦୀର୍ଘ ସମୟ ଧରି ଟ୍ରେନ୍ ଅଟକି ରହିଥିବାରୁ ଷ୍ଟେଶନଗୁଡ଼ିକରେ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।


ରାୟଗଡ଼ା ରେଳ ଷ୍ଟେଶନରେ ସମତା ଏକ୍ସପ୍ରେସ ଅଟକିଥିବାରୁ ଯାତ୍ରୀମାନେ ଅପେକ୍ଷାରେ ରହିଛନ୍ତି।

ସୂଚନାଯୋଗ୍ୟ, କୋଭିଡ ମହାମାରୀ ପୂର୍ବରୁ ପୂର୍ବତଟ ରେଳପଥ ସମ୍ବଲପୁର ଡିଭିଜନ ଅଧୀନ କଳାହାଣ୍ଡି ଜିଲା ରୁପ୍ରା ରୋଡ ଷ୍ଟେଶନରେ ସମସ୍ତ ଦୂରଗାମୀ ଏକ୍ସପ୍ରେସ୍ ଟ୍ରେନ୍ ରହୁଥିଲା। ଏବେ ଏହି ଷ୍ଟେଶନରେ କୌଣସି ଦୂରଗାମୀ ଟ୍ରେନ ରହଣି କରୁନାହିଁ। ରୁପ୍ରା ରୋଡ୍ ରେଳଯାତ୍ରୀ ସୁରକ୍ଷା ସମିତି ପକ୍ଷରୁ ଟ୍ରେନ୍ ରହଣି ନିମନ୍ତେ ବିଭିନ୍ନ ସମୟରେ ଦାବି ହେଉଥିଲା। ତାହା ପୂରଣ ନ ହେବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ରବିବର ଆନ୍ଦୋଳନ କରାଯାଇଥିଲା। ଦାବି ପୂରଣ ନେଇ ଡିଆର୍ଏମ୍ ଫୋନ୍‌ରେ ପ୍ରତିଶ୍ରୁତି ଦେବାପରେ ଅପରାହ୍ଣ ସାଢ଼େ ୨ଟାବେଳେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ରାସ୍ତାରୁ ବୃଦ୍ଧଙ୍କ ମୃତଦେହ ଜବତ

ରାଇଘର, ୧୦।୪(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ଡୁମୁଡା ନିକଟ ମୁଖ୍ୟରାସ୍ତାରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କାଉଡୋଳା ପଞ୍ଚାୟତର ଧୁଙ୍ଗିଆଡିହି ଗ୍ରାମର ସିଆରାମ୍ ଗଣ୍ଡ(୭୦)। ସୂଚନାନୁଯାୟୀ, ସିଆରାମ୍‌ଙ୍କ ସ୍ତ୍ରୀ ମାଲାପାରା ଗ୍ରାମକୁ ଯାଇଥିଲେ। ସିଆରାମ୍ ସେଠାକୁ ଯିବାକୁ ବାହାରିଥିଲେ। ରାସ୍ତାରେ ଡୁମୁଡା ନିକଟରେ ହଠାତ୍ ଫିଟ୍ସ ବାହାରିବାରୁ ଘଟଣାସ୍ଥଳରେ ଛଟପଟ ହୋଇ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳେ ଗାଈ ଚରାଇବାକୁ ଉକ୍ତ ରାସ୍ତା ଦେଇ ଯାଉଥିବା ହିରୁ ଗଣ୍ଡ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। କୁନ୍ଦେଇ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ କୁନ୍ଦେଇ ଥାନାରେ ନଂ.୧୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ତୀରନ୍ଦାଜ, ଥ୍ରୋବଲ ପ୍ରଶିକ୍ଷଣ ଶିବିର

ଚନ୍ଦାହାଣ୍ଡି, ୧୦।୪(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକସ୍ଥିତ ସରକାରୀ ନୂତନ ପାନାବେଡା ହାଇସ୍କୁଲରେ ତୀରନ୍ଦାଜ୍, ଥ୍ରୋବଲର ଆନ୍ତରମୁଖୀ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକର ୧୩ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ସାମିଲ ହୋଇଥିବା ସୂଚନା ମିଳିଛି। ଡିଇଓ ପ୍ରଦୀପ ନାଗଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମାଝିଙ୍କ ଉପସ୍ଥିତିରେ ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରାଯାଇଛି। ତୀରନ୍ଦାଜ୍‌ର ସମସ୍ତ କଳାକୌଶଳ ପ୍ରଭାତ କୁମାର ପଟ୍ଟନାୟକ, ମନୋରଞ୍ଜନ ପ୍ରହରାଜ, ଦୀପାଂଶୁ ଶେଖର କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଶିକ୍ଷା ପ୍ରଦାନ କରାଯାଇଛି। ଚନ୍ଦାହାଣ୍ଡି ବ୍ଲକର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମରସିଂ ନାୟକ, ଜମାଦାରପଡା ହାଇସ୍କୁଲ ପ୍ରଧାନଶିକ୍ଷକ ନୀଳାମ୍ବର ପଟେଲ, ବିଦ୍ୟାଳୟର ଶାରୀରିକ ଶିକ୍ଷକ ଦୈତାରୀ ସାହୁ ଓ ଜିଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ବିଭାଶିଷ ଦେ ଉପସ୍ଥିତ ଥିଲେ।

### ଦାୟିତ୍ୱ ନେଲେ ରାୟଗଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ



ରାୟଗଡ଼ା ଅଫିସ,୧୦।୪- ରାୟଗଡ଼ା ପଞ୍ଚାୟତ ସମିତିର ନବ ନିର୍ବାଚିତ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଟୁନି ହୁଇକା, ରାଜ୍ୟ ବିଜେଡି ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅନସୂୟା ମାଝି, ରାୟଗଡ଼ା ନଗର ପୌରାଧ୍ୟକ୍ଷ ମହେଶ ପଟ୍ଟନାୟକ, ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ବିଜେଡିର ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ନୂତନ ଉପାଧ୍ୟକ୍ଷଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ରାୟଗଡ଼ା ପଞ୍ଚାୟତ ସମିତିର ୨୮ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଲୋକେ ଉପକୃତ ହୋଇଥିବାବେଳେ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ଉପାଧ୍ୟକ୍ଷ କହିଛନ୍ତି।

### ଜନ ସମ୍ପର୍କ, ସ୍ୱାସ୍ଥ୍ୟ ଶିବିର

ଝରିଗାଁ, ୧୦।୪(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଡକରୀକୋଟ ଗାଁରେ ପୋଲିସର ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅଞ୍ଚଳର ହିତାଧିକାରୀ କିପରି ସୁବିଧାରେ ସରକାରୀ ଯୋଜନାର ଲାଭ ଉଠାଇପାରିବେ ସେ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ। ସଚେତନ



କରାଇଥିଲେ। ମାଓବାଦୀ କାର୍ଯ୍ୟ କଳାପରୁ ଦୂରେଇ ରହିବାକୁ ଝରିଗାଁ ଭାରପ୍ରାପ୍ତ ଥାନାଅଧିକାରୀ ନଟବର ନନ୍ଦ ଓ ପୋଲିସ୍ ସର୍ଜେଣ୍ଟ୍ ଶାନ୍ତନୁ କୁମାର ପ୍ରଧାନୀ କହିଛନ୍ତି। ଏହି ଅବସରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଛି। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ମହିଳାଙ୍କୁ ଶାଢୀ, କମ୍ବଳ, ପୁରୁଷଙ୍କୁ ବାଦ୍ୟ ସାମଗ୍ରୀ, ଯୁବକଙ୍କୁ ଖେଳ ସାମଗ୍ରୀ ଓ ଗାଁ କମିଟିଙ୍କୁ ରୋଷେଇ କରିବା ନେଇ ହାଣ୍ଡି,ଡେକଚି ଆଦି ପ୍ରଦାନ କରାଯାଇଛି। ଏହି ଶିବିରକୁ ଥାନା ଏସ୍‌ଆଇ ପ୍ରମୋଦ କୁମାର ଖଣ୍ଡୁଆଳ, ଏଏସ୍‌ଆଇ ଅଶୋକ କୁମାର ପାଳ ପରିଚାଳନା କରିଥିଲେ।

# ଶୋଭାଯାତ୍ରା, ନାଟକ ମାଧ୍ୟମରେ ଯକ୍ଷ୍ମା ସଚେତନତା

## ଯକ୍ଷ୍ମା ହାରିବ ଭାରତ ଜିତିବ କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୧୦।୪

ଦେଶକୁ ଯକ୍ଷ୍ମାମୁକ୍ତ କରିବାକୁ ମାର୍ଚ୍ଚ ୨୪ ରୁ ଏପ୍ରିଲ୍ ୧୩ ପର୍ଯ୍ୟନ୍ତ 'ଯକ୍ଷ୍ମା ହାରିବ ଭାରତ ଜିତିବ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ବୁଢାଗୁଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଯକ୍ଷ୍ମା ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଯିବା ସହ କଫ ପରୀକ୍ଷା କରାଯାଇଛି।


ନାଟକ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି।

ସଚେତନତା ଶୋଭଯାତ୍ରା, ଶପଥ ପାଠ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି।

କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ(ସିଏଚ୍ଓ) ମୀନା କୁମାରୀ ସାମଲଙ୍କ ନେତୃତ୍ୱରେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହଯୋଗରେ ଗ୍ରାମବାସୀଙ୍କ ଉପସ୍ଥିତରେ ଶୋଭାଯାତ୍ରା କରାଯାଇଥିଲା। ଶନିବାର ବୁଢ଼ାଗୁଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯକ୍ଷ୍ମା ବିଷୟରେ ପ୍ରତିଯୋଗିତା ହୋଇଥିଲା। ସିଏଚ୍ଓ ଛାତ୍ରୀଛାତ୍ରଙ୍କୁ ଏହି ରୋଗ ବିଷୟରେ ବୁଝାଇଥିଲେ। ରବିବାର କଦଳୀବୁଁଆ ଗ୍ରାମରେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା।

# ରେକର୍ଡ କଲେ ମହେନ୍ଦ୍ର, ହାତେଇଲେ ସ୍ୱର୍ଣ୍ଣ ପଦକ

## ୧୦.୭୫ ସେକେଣ୍ଡରେ ସାରିଲେ ୧୦୦ ମିଟର ଦୌଡ଼

ନବରଙ୍ଗପୁର,୧୦।୪(ବି.ପ୍ର.)

ଭୁବନେଶ୍ୱରରେ ଚାଲିଥିବା ରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ନବରଙ୍ଗପୁର ଜିଲା ଆଥ୍‌ଲେଟିକ ଦଳର ମହେନ୍ଦ୍ର ସାନ୍ତା ୧୦୦ ମିଟର ଦୌଡ଼ରେ ରେକର୍ଡ କରିଛନ୍ତି। ସେ ୧୦.୭୫ ସେକେଣ୍ଡରେ ୧୦୦ ମିଟର ଦୌଡ଼ ଅତିକ୍ରମ କରିଛନ୍ତି। ଫଳରେ ତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ଜଣାପଡ଼ିଛି। ନବରଙ୍ଗପୁର କ୍ରୀଡ଼ାସଂଘ ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଲକୃଷ୍ଣ ରାଓ, ସହସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ସାହୁ ପ୍ରମୁଖ ମହେନ୍ଦ୍ରଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ୍ ଆଥ୍‌ଲେଟିକ ଷ୍ଟାଡିୟମରେ ୬୮ତମ ରାଜ୍ୟ ଆଥଲେଟିକ ମିଟ୍ ଅନୁଷ୍ଠିତ ହେଉଛି। ଗସ୍ତ କରିଥିବା ଦଳର କୋଚ୍ ଭାବେ ଦୁର୍ଯ୍ୟ ହରିଜନ ଏବଂ ମ୍ୟାନେଜର ଭାବରେ ଶେଷ ସାନ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ସପନ ବୈରାଗୀ ଓ ଏମ୍. ବିଜୟ କୁମାର ଅଫିସିଆଲ ଅଛନ୍ତି। ଦ୍ୱିତୀୟ ଦିନ ସୁଦ୍ଧା ନବରଙ୍ଗପୁର ଜିଲା ଦଳକୁ ମୋଟ ୨ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ମିଳିଛି। ଦଳର ଏହି ସଫଳତା ପାଇଁ ଜିଲାପାଳ ତଥା କ୍ରୀଡ଼ାସଙ୍ଘ ସଭାପତି କମଳ ଲୋଚନ ମିଶ୍ର ଏବଂ ଜିଲାର ପ୍ରାକ୍ତନ ଖେଳାଳିମାନେ ମହେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ମହେନ୍ଦ୍ର ସାନ୍ତା

# ଗାଁରେ ପହଞ୍ଚିଲେ ଶିକ୍ଷକ, ଡବ୍ଲ୍ୟୁଇଓ

-୬ ଛାତ୍ର ହଷ୍ଟେଲ ଛାଡ଼ିବା ଘଟଣା
-ପୁଣି ସ୍କୁଲ ପଠାଇବାକୁ ଅଭିଭାବକଙ୍କୁ ଅନୁରୋଧ

ଚନ୍ଦ୍ରପୁର,୧୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ କର୍ଲାଘାଟି ଗ୍ରାମ ମଙ୍ଗଳ ବିଭାଗ ଆଶ୍ରମ ବିଦ୍ୟାଳୟରେ ପୋକରା ଚାଉଳରୁ ଭାତ ଦିଆଯାଉଥିବା ଅଭିଯୋଗ କରି ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତର ଅନ୍ଧାରିଲିମା ଏବଂ ପାଟଷଣ୍ଢା ଗ୍ରାମର ୬ ଛାତ୍ର ହଷ୍ଟେଲ ଛାଡ଼ି ଘରକୁ ପଳାଇ ଆସିଥିଲେ। ଏ ନେଇ ଛାତ୍ର, ଅଭିଭାବକ ଏବଂ ପୂର୍ବତନ ସରପଞ୍ଚ କାଉମୁନି ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ। ଧରିତ୍ରୀରେ ଏ ନେଇ ଖବର ପ୍ରକାଶ ପାଇବା ପରେ କର୍ଲାଘାଟି ବିଦ୍ୟାଳୟର ୨ ଶିକ୍ଷକ ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନ୍ଧାରିଲିମା ଓ ପାଟଷଣ୍ଢା ଗ୍ରାମ ଗସ୍ତକରି ହଷ୍ଟେଲ ଛାଡ଼ିଥିବା ଛାତ୍ର ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଭୁଲ ସ୍ୱୀକାର କରିବା ସହ ଭୁଲବଶତଃ ପୋକରା ଚାଉଳରୁ ଭାତ ରନ୍ଧାଯାଇଥିବା କୁହାଯିବା ସହ ପିଲାମାନଙ୍କୁ ପୁଣି ସ୍କୁଲ ପଠାଇବାକୁ ଅଭିଭାବକମାନଙ୍କୁ ଅନୁରୋଧ କରିଛନ୍ତି।

# ଶ୍ରୀରାମ ନବମୀରେ ଶିଶୁଙ୍କ ବିଭିନ୍ନ ବେଶ

ଗୁଣପୁର,୧୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ବିଭିନ୍ନ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା ସହ ସୀତ-ରାମଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମଧ୍ୟ ଶ୍ରୀରାମ ନବମୀ ପାଳନ କରାଯାଇଥିଲା। ଏଥିଲାଗି ପିଲାମାନେ ରାମାୟଣର ବିଭିନ୍ନ ଚରିତ୍ରଙ୍କ ବେଶ ଧାରଣ କରିଥିଲେ। କାର୍ଯ୍ୟକ୍ରମରେ



ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ ପଣ୍ଡା ଯୋଗଦେଇ ରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସମ୍ପାଦକ ସୋମନାଥ ଗୌଡ଼, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ, ଉପସଭାପତି ମିନକେତନ ପଣ୍ଡା, ପରିଚାଳନା କମିଟିର ସଦସ୍ୟା ପ୍ରତିଭା ରଥ, ପୂର୍ବତନ ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ରାମ ନବମୀରେ ବାଜା ବାଣରେ କମ୍ପିଲା ସହର

ଉମରକୋଟ/ କୋଷାଗୁମୁଡ଼ା/ କୋଡିଙ୍ଗା, ୧୦।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ରାମନବମୀ ପାଳନ କରାଯାଇଛି। ଦୁଇ ବର୍ଷ ଧରି କରୋନା କଟକଣା ଯୋଗୁ ନିରାଡ଼ମ୍ବର ଭାବେ ପାଳିତ ହେଉଥିବାବେଳେ ଚଳିତ ବର୍ଷ କିନ୍ତୁ ତାହା ଧୁମ୍‌ଧାମରେ ପାଳିତ ହୋଇଛି। ସହରର ବିଭିନ୍ନ ରାମମନ୍ଦିରକୁ ସୁନ୍ଦର ଭାବେ ସଜ୍ଜା ଯାଇଥିଲା। ସବୁ ମନ୍ଦିରରେ ଗହଳିଚହଳି ଲାଗି ରହିଥିଲା। ଏହି ଅବସରରେ ଉମରକୋଟ ଓ କୋଡିଙ୍ଗାରେ ଶୋଭାଯାତ୍ରା ବାହାରିଥିଲା। ଶ୍ରୀରାମ ନବମୀ ଉପଲକ୍ଷେ ଉମରକୋଟ ସହର ବାଜା ଓ ବାଣରେ ପ୍ରକମ୍ପିତ ହୋଇଉଠିଥିଲା।


ଉମରକୋଟରେ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଶୋକାକୁଳ ପରିବେଶରେ ୩ ବାନ୍ଧବୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶେଷ

- ଗଛରୁ ୩ ଝୁଲନ୍ତା ମୃତଦେହ ମିଳିବା ଘଟଣା
- ଘଟଣାସ୍ଥଳରୁ ପୋଲିସକୁ ମିଳିଛି ମୃତାଙ୍କ କି'ପ୍ୟାଡ୍ ମୋବାଇଲ

ଉମରକୋଟ, ୧୦।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ଥାନା ତୋହରା ଗ୍ରାମରେ ଶନିବାର ରାତିରେ ଗୋଟିଏ ଗଛରୁ ୩ ବାନ୍ଧବୀଙ୍କ ଝୁଲନ୍ତା ମୃତଦେହ ମିଳିବା ପରେ ରବିବାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ଦୀନେଶ ଚନ୍ଦ୍ର ନାୟକ, ଥାନାଧିକାରୀ ନରେଶ ପ୍ରଧାନ, ନବରଙ୍ଗପୁର ଥାନାଧିକାରୀ ତାରିକ୍ ଅହମ୍ମଦ, ଡାବୁଗାଁ ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଉମରକୋଟ ତହସିଲଦାର ଏନ୍. ଜଗତ୍‌ଜୀବନ ଚୌଧୁରୀଙ୍କ ଉପସ୍ଥିତିରେ ମୃତଦେହ ଗଛ ତଳକୁ ଓହ୍ଲାଯିବା ପରେ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଯାଇଥିଲା। ଏହି ସମସ୍ତ ଘଟଣାର ସ୍ୱତନ୍ତ୍ର ଭିଡିଓଗ୍ରାଫି କରାଯାଇଥିଲା। ଉମରକୋଟ ହସ୍ପିଟାଲରେ ଡା. ସୁମନ୍ତ ରାଉଳ ଓ ସାଗରିକା ସ୍ୱାଇଁ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଏହାର ମଧ୍ୟ ଭିଡିଓଗ୍ରାଫି କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମଧ୍ୟାହ୍ନରେ ମୃତଦେହ ହସ୍ତାନ୍ତର କରାଯାଇଥିଲା। ହେମଲତା ଗୌଡ଼, ଫୁଲମତି ମାଝି, କୌଶଲ୍ୟା ମାଝିଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ସେଠାରେ ଏକ ଶୋକାକୁଳ ପରିବେଶରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଛି। ମୃତ୍ୟୁର କାରଣ ଏବେ ମଧ୍ୟ ଅସ୍ପଷ୍ଟ ରହିଛି। ଏ ନେଇ ଉମରକୋଟ ଥାନାରେ ୩ଟି ଅପମୃତ୍ୟୁ ମାମଲା ରୁଜୁ ହେଇଛି। ଏହାର ତଦନ୍ତଭାର ଉମରକୋଟ ଅତିରିକ୍ତ ଆଇଆଇସି ଲିମାରାଜ ପ୍ରଧାନ, ସବ୍‌ଇନ୍ସପେକ୍ଟର ନିଲିମା ପାଣିଗ୍ରାହୀ ଓ ସନ୍ତୋଷ ମାଝିଙ୍କୁ ଦିଆଯାଇଛି ବୋଲି ଏସ୍‌ପି ସ୍ମିଥ୍. ପି. ପରମାର ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଫୁଲମତିଙ୍କ ଏକ କି'ପ୍ୟାଡ୍ ମୋବାଇଲ ମିଳିଛି। ପୋଲିସ ତାହାକୁ ଜବତ କରିଛି। ଉକ୍ତ ମୋବାଇଲ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି। ସୂଚନାନୁଯାୟୀ, ଶନିବାର ରାତିରେ ତୋହରା ଗାଁର ୩ ସାଙ୍ଗ ହେମଲତା, ଫୁଲମତି ଓ କୌଶଲ୍ୟା ବାହାରକୁ ଏକାଠି ବୁଲିବାକୁ ଯାଇଥିଲେ। କିନ୍ତୁ ରାତି ସୁଦ୍ଧା ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଗାଁ ନିକଟ ଏକ କୁସୁମ ଗଛରେ ତିନିଜଣଙ୍କ ଝୁଲନ୍ତା ମୃତଦେହ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ରାତିରେ ଉମରକୋଟ ଥାନାଧିକାରୀ ନରେଶ ପ୍ରଧାନ ଓ ଅତିରିକ୍ତ ଥାନାଧିକାରୀ ଲିମାରାଜ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଖବରପାଇ ଏସ୍‌ପି ମଧ୍ୟ ରାତିରେ ସେଠାକୁ ଯାଇଥିଲେ।


ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ତାଲୁକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଏଡିଜେ, ଏସ୍‌ଡିଜେଏମ୍, ଜେଏମ୍‌ଏଫ୍‌ସି ଓ ଅନ୍ୟ ଅଧିକାରୀମାନେ।

ପଦ୍ମପୁର,୧୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ପରିସରରେ ରବିବାର ତାଲୁକ ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିଜେ ମାନସ ରଞ୍ଜନ ରଥ, ଏସ୍‌ଡିଜେଏମ୍ ବିଭୂତି ଭୂଷଣ ନାୟକ, ଜେଏମ୍‌ଏଫ୍‌ସି ବର୍ଷାରଣୀ ମହାନ୍ତି, ପଦ୍ମପୁର ଥାନା ଅଧିକାରୀ ସୁଶାନ୍ତ କୁମାର ତାଡ଼ିଆ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ପଦ୍ମପୁରର ଡାକ୍ତର ବିକାଶ ଦଳେଇ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଏବକା ପରିସ୍ଥିତିରେ ପରିବାର ଲୋକଙ୍କ ମଧ୍ୟରେ ଗଣ୍ଡଗୋଳରୁ ଥାନା ଓ କଚେରି ଯାଇ ଅଯଥା ଅର୍ଥ ବ୍ୟୟ କରୁଥିବା ବିଷୟରେ ଏଡିଜେ ଆଲୋଚନା କରିବା ସହ ବିଭିନ୍ନ ଆଇ ର ଦିଗ ବିଷୟରେ କହିଥିଲେ। ତହସିଲଦାର ଜମିଜମା ସଂକ୍ରାନ୍ତୀୟ ଆଇନ ବିଷୟରେ ବୁଝାଇଥିଲେ। ଏଥିରେ ପଦ୍ମପୁରର ବରିଷ୍ଠ ନାଗରିକ, ଆଶା, ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

# ତେନ୍ତୁଳି ଗଛରୁ ପଡି ଯୁବକ ମୃତ

ରାଇଘର, ୧୦।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ଧଡ଼ରାପାରା ଗ୍ରାମରେ ଜଣେ ଯୁବକଙ୍କ ଗଛରୁ ପଡ଼ି ମୃତ୍ୟୁ ହୋଇଯାଇଛି। ସେ ହେଲେ ଗାଁର ଲଖୁ ରାଉତ (୩୫)। ଲଖୁ ଘରଠାରୁ ଅଳ୍ପଦୂରରେ ଥିବା ଏକ ତେନ୍ତୁଳିଗଛରେ ଚଢ଼ିଥିଲେ। ତେନ୍ତୁଳି ଝଡାଇବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ନଂ.୧୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଗୁଡାରୀ ପ୍ରେସ ୟୁନିଅନ ଗଠିତ

ଗୁଡ଼ାରି୧୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ ଓ ଏନ୍‌ଏସିର ସମସ୍ତ ଖବରଦାତାଙ୍କୁ ନେଇ ଗୁଡ଼ାରୀ ପ୍ରେସ ୟୁନିଅନ ରବିବାର ଗଠିତ ହୋଇଛି। ସ୍ଥାନୀୟ ମାନିକେଶ୍ୱରୀ ମନ୍ଦିର ନିକଟସ୍ଥ ନିଳକଣ୍ଠେଶ୍ୱର ମନ୍ଦିର ପରିସରରେ ଏ ନେଇ ଏକ ବୈଠକ ହୋଇଥିଲା। ସର୍ବସମ୍ମତି କ୍ରମେ ପ୍ରମୋଦ କୁମାର ପତି



ସଭାପତି, ବୀରକିଶୋର ନନ୍ଦ ସମ୍ପାଦକ, ସିମାଞ୍ଚଳ ସାହୁ ଉପସଭାପତି, ଜଗନ୍ନାଥ ମିଶ୍ର ଉପଦେଷ୍ଟା ଓ ରବି ନାରାୟଣ ଦେଓ କୋଷାଧ୍ୟକ୍ଷ ମନୋନିତ ହୋଇଛନ୍ତି।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଘୋଷ୍ଟ ରାଇଡର୍ ବିଜୟୀ

## ପିପି ପାୱାର ଦୁର୍ଗୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଦୁର୍ଗୀ,୧୦।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀସ୍ଥିତ ଏମ୍‌ସିସି ପଡ଼ିଆରେ ପିପି ପାୱାର ଦୁର୍ଗୀ ପ୍ରିମିୟର ଲିଗ୍ ରବିବାର ଉଦ୍‌ଘାଟିତ ହୋଇଛି। ଏଥିରେ ୬ଟି ଟିମ୍ ଯଥା ରୟାଲ ରାଜଦାଣ୍ଡ ସାହି, ପାଇକସାହି ଗଳି ଗ୍ୟାଙ୍ଗ୍, ଖଣ୍ଡିଆ ସାହି ବ୍ଲୁ ଷ୍ଟାର୍, ଘୋଷ୍ଟ ରାଇଡର ପଣ୍ଡାସାହି, ସ୍ମାର୍ଟ ଏକାଦଶ ଉପର ସାହି ଏବଂ ରାଜିଙ୍ଗ ଷ୍ଟାର୍ ନୂଆସାହି ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥିଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ କେ. ମୋହନ ରାଓ, କୁନା ପାଳ ଓ ସତ୍ୟ ନାରାୟଣ କୈବର୍ତ୍ତ ଓ ବିକାଶ ଦାସ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଅଞ୍ଚଳର ପ୍ରତିଭାବାନ ଖେଳାଳିଙ୍କୁ ଲୋକଲୋଚନକୁ ଆଣିବା ଏହି ପ୍ରିମିୟର ଲିଗ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଉଦ୍‌ଘାଟନି ମ୍ୟାଚ୍ ପାଇକସାହି ଗଳି ଗ୍ୟାଙ୍ଗ୍ ଏବଂ ଘୋଷ୍ଟ ରାଇଡର ପଣ୍ଡାସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗଳିଗ୍ୟାଙ୍ଗ୍ ଓ ଘୋଷ୍ଟ ରାଇଡର୍ ଟିମ୍ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଘୋଷ୍ଟ ରାଇଡର୍ ବିଜୟୀ ହୋଇଥିଲା।


ଅତିଥିମାନେ ପ୍ରିମିୟର ଲିଗ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ମନୋହର ରନ୍ଧାରୀଙ୍କ ବିଧାୟକ ପଦ ରଦ୍ଦ ଦାବିକଲା କଂଗ୍ରେସ

ନବରଙ୍ଗପୁର, ୧୦।୪ (ବି.ପ୍ର.)

ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲାକୁ ନେଇ ନବରଙ୍ଗପୁରସ୍ଥିତ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ କରି ଦଳୀୟ ନେତାମାନେ ତାଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ଓ ନିର୍ମଳ ଶାସନ ଦାବି କରୁଥିବାବେଳେ ଜଣେ ଦୁର୍ନୀତିଗ୍ରସ୍ତ ବିଧାୟକଙ୍କୁ କିପରି ପ୍ରଶ୍ରୟ ଦେଉଛନ୍ତି ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଓ କଂଗ୍ରେସର ପୂର୍ବତନ ବିଧାୟକ ଭୁଜବଳ ମାଝି ପ୍ରଶ୍ନ କରିଛନ୍ତି।

ବିଧାୟକ ରନ୍ଧାରୀ ରାଜନୀତିରେ ପ୍ରବେଶ ପୂର୍ବରୁ ନନ୍ଦାହାଣ୍ଡି ପଞ୍ଚାୟତ ସମିତିରେ କିରାଣି ଥିଲେ। ୨୦୦୬ରୁ ୨୦୦୯ ମଧ୍ୟରେ ଫୁଡ୍ ଫର ୱାର୍କ, ଆବାସ ଯୋଜନା, ଚାଉଳ , ଲୁହାଛଡ଼, ସିମେଣ୍ଟ ହେର୍‌ଫେର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ତତ୍କାଳୀନ ବିଧାୟକ ଜନାବ ହବିବୁଲ୍ଲା ଖାଁ ଏକ ପିଟିଶନ ଦାଏର କରିଥିଲେ। ତତ୍କାଳୀନ ଜିଲାପାଳ ଏହାର ସ୍ଥାନୀୟ ଅଡିଟ୍ କରାଇବା ସହ ପଞ୍ଚାୟତିରାଜ ବିଭାଗ ଭୁବନେଶ୍ୱରକୁ ଅଡିଟ ନିମନ୍ତେ ଏକ ପତ୍ର ଲେଖିଥିଲେ। ଉକ୍ତ ଅଡିଟ୍‌ରେ ସରକାରୀ ଅର୍ଥ ହେରଫେର୍ ସହ ମିଥ୍ୟା ବିଲ୍ ହୋଇଥିବା ଦର୍ଶାଯାଇଥିଲା। ୨୦୦୯ରେ ବିଧାୟକ ପଦବୀରେ ଲଢ଼ିବା ପାଇଁ ରନ୍ଧାରୀ ଚାକିରିରୁ ଇସ୍ତଫା ଦେଇଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

୨୦୧୦ରେ କଂଗ୍ରେସର ତତ୍କାଳୀନ ଯୁବ କଂଗ୍ରେସ ସଭାପତି ଅବ୍‌ଦୁଲ ଫିରୋଜ ସୂଚନା ଅଧିକାର ଆଇନ ବଳରେ ରନ୍ଧାରୀ ପଇଠ କରିଥିବା ଅର୍ଥର ରସିଦ୍ ପାଇଥିଲେ। ତେବେ ଉକ୍ତ ସମୟ ମଧ୍ୟରେ ଟଙ୍କା ପଇଠ କରିବା କଥା ସତ୍ୟପାଠରେ ଉଲ୍ଲେଖ କରାଯାଇ ନ ଥିଲା। ଏହାପରେ ୨୦୧୧ ମେ' ୬ରେ ପୂର୍ବତନ ବିଧାୟକ ସଦନ ନାୟକ ରନ୍ଧାରୀଙ୍କ ବିରୋଧରେ ସମସ୍ତ ଆରଟିଆଇ ତଥ୍ୟକୁ ନେଇ ଭିଜିଲାନ୍ସ ନିକଟରେ ଆବେଦନ କରିଥିଲେ। ୨୦୧୪ ନଭେମ୍ବର ୭ରେ ଭିଜିଲାନ୍ସ କୋର୍ଟ ରନ୍ଧାରୀଙ୍କ ବିରୋଧରେ ଚାର୍ଜଫ୍ରେମ କରିବା ପରେ ୨୦୧୬ରେ କଂଗ୍ରେସ ପକ୍ଷରୁ ଏତଲା ଦିଆଯାଇଛି। ପଞ୍ଚାୟତିରାଜ ଓ ଭିଜିଲାନ୍ସ ନୋଟିସକୁ ରନ୍ଧାରୀ ଅଣଦେଖା କରିବାରୁ ସଦନ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମକଦ୍ଦମାକୁ ୩ ମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ବିଭିନ୍ନ ଆଳ ଦେଖାଇ ସହଯୋଗ ନ କରିବାରୁ ଗତ ୪ ତାରିଖରେ ରନ୍ଧାରୀଙ୍କ ବିରୋଧରେ ଚାର୍ଜଫ୍ରେମ କରାଯାଇଥିଲା। ୧୨ ତାରିଖ ଦିନ ସମସ୍ତ ସାକ୍ଷ୍ୟ ଗ୍ରହଣ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସଭାପତି ତ୍ରିପାଠୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ପରି ସାହୁ, ଅବ୍‌ଦୁଲ ଫିରୋଜ, ଦିବାକର ପୂଜାରୀ, ବାସୁଦେବ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩୫ ଜଣ ଦେଲେ ୩୫ ୟୁନିଟ୍ ରକ୍ତ

ସୁନାବେଡା,୧୦।୪(ସ୍ୱ. ପ୍ର.)- ଭାରତରତ୍ନ ଡ. ବାବା ସାହେବ ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ପାଳନ ଅବସରରେ ହାଲ୍ ଏସ୍‌ସିଏସ୍‌ଟି ଏମ୍ପ୍ଲଇଜ ଓ ଅଫିସର ଆସୋସିଏଶନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ହାଲ୍ ହସ୍ପିଟାଲର ଉପ ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର ମୁଖ୍ୟଅତିଥି, ବରିଷ୍ଠ ଚିକିତ୍ସାଧିକାରୀ ଡା. ରାଜ କିଶୋର ନାୟକ, ଏଚ୍ଏଇଏର ସାଧାରଣ ସମ୍ପାଦକ ଶିବାଜୀ କୁଅଁର, ହାଲ୍ ମାନବ ସମ୍ବଳ ବିଭାଗର ଝରଣା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୩୫ ଜଣ ରକ୍ତଦାନ କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲର ରକ୍ତଭଣ୍ଡାର ଅଧିକାରୀ ଡ. ମଧୁସୂଦନ ବଳିଆର ସିଂଙ୍କ ତତ୍ତ୍ୱାବଧାନରେ କେ. ଚନ୍ଦା, ଭି.ଗଙ୍ଗାଧର, ସଞ୍ଜୟ ସିଂ ଓ ରବୀନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିଥିଲେ। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ଶେଖ ଇବ୍ରାହିମ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଆନନ୍ଦମୌଳି ପଟ୍ଟନାୟକ, ଚିନ୍ତାମଣି ପୃଷ୍ଟି, ଈଶ୍ୱର ଆଲ୍ଲଡ଼ା, ପ୍ରଶାନ୍ତ ବୁଦ୍ଧ, ମମତା ବୁଦ୍ଧ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଆସୋସିଏଶନ ସଭାପତି ପି.ବି. ସୋରେନ, ସାଧାରଣ ସମ୍ପାଦକ ସୁବାସ ସେଠୀ, ଯୁଗ୍ମ ସମ୍ପାଦକ ଚନ୍ଦନ ସିଂଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଓଡ଼ିଶା ଅମଲା ସଂଘ ସବ୍ ୟୁନିଟ୍‌ର ବୈଠକ



ଜୟପୁର,୧୦।୪ (ନି.ପ୍ର.)- ଓଡ଼ିଶା ଅମଲା ସଂଘ ଜୟପୁର ସବ୍ ୟୁନିଟ୍‌ର ଏକ ବୈଠକ ଶଶୀଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶ୍ରମିକ ଭବନଠାରେ ରବିବାର ଅନୁଷ୍ଠିତ ହୋଇଛି। ବାଣିଜ୍ୟ କର ବିଭାଗର ବିଭାଗୀୟ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ ଅଧକ୍ଷତା କରିଥିଲେ। ବରିଷ୍ଠ ସହକାରୀ ଓ କନିଷ୍ଠ ସହକାରୀ ନିଜ ମତ ଉପସ୍ଥାପନ କରି ସରକାରଙ୍କ ପାତର ଅନ୍ତର ନୀତିକୁ ନିନ୍ଦା କରିଥିଲେ। ସମାନ କାମକୁ ସମାନ ଦରମା ଦେବାକୁ ଦାବି କରିଥିଲେ। ଅମଲାମାନଙ୍କ ସରକାରୀ ସ୍ତରରେ ପଡ଼ି ରହିଥିବା ଏଣ୍ଟ୍ରି ଗ୍ରେଡ ଟଙ୍କା ତୁରନ୍ତ ଲାଗୁ ନ କରିବାକୁ ସଂଘ ପକ୍ଷରୁ ଦାବି ହୋଇଥିଲା। ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସଂଘକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଭାଗୀୟ ଅଧିକାରୀ କମଳା ରଥ ବିଭିନ୍ନ ପ୍ରସଙ୍ଗ ଉପରେ ଦିଗ୍‌ଦର୍ଶନ ଦେଇଥିଲେ।

### ନବଦିନାତ୍ମକ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି



ମୁନିଗୁଡ଼ା,୧୦।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଗାୟତ୍ରୀ ପ୍ରଜ୍ଞା ମଣ୍ଡପଠାରେ ଚାଲିଥିବା ନବଦିନାତ୍ମକ ୧୦୮ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ଭବାନୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବାଙ୍କିମ ସାହୁଙ୍କ ସଂଯୋଜନାରେ ଆୟୋଜିତ ୧୦୮ ଗାୟତ୍ରୀ ମହାଯଜ୍ଞରେ ବେଦମାତା ଗାୟାତ୍ରୀଙ୍କୁ ଆବାହାନ, ପୂଜନ, ମହିଳା ମାନଙ୍କ ଗର୍ଭ ସଂସ୍କାର, ନବକନ୍ୟା ପୂଜନ ଆଦି କାର୍ଯ୍ୟ ସମ୍ପାଦନ ହୋଇଥିଲା। ଗାୟତ୍ରୀ ମନ୍ତ୍ର ଦ୍ୱାରା ସର୍ବପାପ କ୍ଷୟ ହେବା ସହ ସର୍ବ ସୁଖ, ଶାନ୍ତି ଏବଂ ଆନନ୍ଦର ତ୍ରିବେଣୀ ସଙ୍ଗମ ବୋଲି ବଙ୍କିମ ଏଠାରେ ପରିବାର ସଦସ୍ୟଙ୍କୁ କହିଥିଲେ। ପରେ ଅନ୍ନ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସୁରେନ୍ଦ୍ର ବେହେରା, ସନ୍ତୋଷ ସାହୁ, ସୁରେନ୍ଦ୍ର ମଲ୍ଲିକ, ବନାନୀ ଦାସ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମୁନିଗୁଡ଼ା ସହରରୁ ୧୫୦ ଗାୟତ୍ରୀ ସଦସ୍ୟା ସଦସ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗୁଣପୁର,୧୦।୪(ଡି.ଏନ୍.ଏ)-ରାୟଗଡ଼ା ଜିଲା ଗୁଣପୁର ଟ୍ରେଜେରି ଅଫିସ ନିକଟ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୦୦୩ରେ ହୋଇଥିବା ମନ୍ଦିରର ପ୍ରତିଷ୍ଠା ଉତ୍ସବ ଲାଗି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ଭଜନ ସଂକିର୍ତ୍ତନ ହୋଇଥିଲା। ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ମନ୍ଦିର କମିଟିର ମନୋରଞ୍ଜନ ରଥ, ରାଜେଶ ପଣ୍ଡାଙ୍କ ସମେତ ମନ୍ଦିର ପୂଜକ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଙ୍କୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତାଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା।





କୋରାପୁଟ ଓ ମାଲକାନଗିରିରେ ରାମନବମୀ ଅବସରରେ ବାହାରିଥିବା ଶୋଭାଯାତ୍ରା ।



ଜୟପୁରରେ ଶ୍ରୀଜୀଉଙ୍କ ରାମଅବତାର ବେଶ ।

# ଋଣ କରିଦେବାକୁ କହି ଠକି ନେଲେ ୧୦ ହଜାର

ବୈପାରିଗୁଡା,୧୦।୪ (ଡି.ଏନ୍.ଏ.)

ସାଇବର ଠକଙ୍କ ପ୍ରୋଲଭନର ଶିକାର ହୋଇ ବୈପାରିଗୁଡା ଥାନା ଅନ୍ତର୍ଗତ ଦଶମନ୍ତପୁର ଗ୍ରାମର ଜଣେ ବ୍ୟକ୍ତି ୧୦ ହଜାର ୮ ଶହ ଟଙ୍କା ହରାଇଛନ୍ତି। ଏନେଇ ସେ ପୋଲିସ୍ ନିକଟରେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି ଶନିବାର ଦଶମନ୍ତପୁର ଗ୍ରାମର ସନ୍ତୋଷ ପ୍ରଧାନିଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସଥିଲା। ସମ୍ପୃକ୍ତ ବ୍ୟକ୍ତି ହିନ୍ଦୀରେ ସେ ଏକ ଫାଇନାନ୍‌ସିଆଲ କମ୍ପାନୀର ମାଲିକ ବୋଲି ପରିଚୟ ଦେଇଥିଲେ। ତାଙ୍କ ପାଇଁ ୧ଲକ୍ଷ ଟଙ୍କାର ଋଣ କରାଇ ଦେବାକୁ କହି ଆବଶ୍ୟକ କାଗଜପତ୍ର ଆଧାର, ପାନ୍‌କାର୍ଡ, ପାସ୍‌ବୁକ୍ ଓ ଭୋଟର ପରିଚୟ ପତ୍ରର ନକଲ ହ୍ୱାଟ୍ସ ଆପ୍‌ରେ ମଗାଇଥିଲେ।



ଠକାମିର ଶିକାର ହୋଇଥିବା ସନ୍ତୋଷ।

ସନ୍ତୋଷ ସବୁ କାଗଜପତ୍ର ଦାଖଲ କରିବା ପରେ ପ୍ରଥମେ ୨ ହଜାର ୫ ଶହ ଟଙ୍କା ପୈଠ କରିବାକୁ ତାଙ୍କୁ କହିଥିଲେ। ପରେ ବିଭିନ୍ନ ଟ୍ୟାକ୍ସ ବାବଦକୁ ଆଉ ୮ ହଜାର ୩ ଶହ ଟଙ୍କା ପୈଠ କରିବାକୁ ତାଙ୍କୁ କୁହାଯାଇଥିଲା। ଏସବୁ ଟଙ୍କା ସନ୍ତୋଷ ପେଟିଏମ୍‌ରେ ପୈଠ କରିଥିଲେ। ସବୁ ଟଙ୍କା ପୈଠ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଋଣ ସଂପର୍କରେ ପଚାରିବାରୁ ୮ ହଜାର ୩ ଶହ ଟଙ୍କା ଆଉ ଥରେ ଏକକାଳିନ ପୈଠ କଲେ ଋଣ ମିଳିବ ବୋଲି କହିଥିଲେ। ଏନେଇ ସନ୍ତୋଷଙ୍କ ସନ୍ଦେହ ହେବାରୁ ତାଙ୍କର ଋଣ ଆବଶ୍ୟକ ନାହିଁ। ସେ ପୈଠ କରିଥିବା ଟଙ୍କା ଫେରାଇବାକୁ କହିଥିଲେ। ମାତ୍ର ଟଙ୍କା ଫେରାଇବାକୁ ସମ୍ପୃକ୍ତ ବ୍ୟକ୍ତି ମନା କରିଦେଇଥିଲେ। ଏନେଇ ସନ୍ତୋଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ଲକ ବ୍ରାହ୍ମଣ ସମାଜର ବାର୍ଷିକୋତ୍ସବ

କୁନ୍ଦୁରା,୧୦।୪ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମାସ୍ଥିତ କାଶୀ ବିଶ୍ୱନାଥ ମନ୍ଦିରରେ ବ୍ଲକ ବ୍ରାହ୍ମଣ ସମାଜର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରୀୟ ବ୍ରାହ୍ମଣ ସମାଜର ସଭାପତି ରାଧାନାଥ ଭଞ୍ଜ, ସମ୍ପାଦକ ରାଧାପ୍ରସାଦ ପାତ୍ର, କୋରାପୁଟ ଜିଲା ବ୍ରାହ୍ମଣ ସମାଜର ସଙ୍ଗଠନ ସମ୍ପାଦକ ନରସିଂହ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରଫେସର୍ ଡାକ୍ତର ପ୍ରଦୀପ ମିଶ୍ର, ଜିଲା ଶକ୍ତି ବାହିନୀ ପ୍ରମୁଖ ସୁଶ୍ରୀ ରେଣୁକା ଆଚାର୍ଯ୍ୟ, ଜିଲା ପର୍ଶୁରାମବାହିନୀ ମୁଖ୍ୟ ନବକୃଷ୍ଣ ରଥ, ବ୍ଲକ ବ୍ରାହ୍ମଣ ସମାଜ ଉପଦେଷ୍ଟା ଉଦୟନାଥ ସାହୁ, କୋଷାଧ୍ୟକ୍ଷ ବିଜୟ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରାହ୍ମଣ ଜାତିରେ ରହିଥିବା ସଂସ୍କୃତି, ପରମ୍ପରା, ପୂଜାବିଧି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଗତ ଦିନରେ ବ୍ରାହ୍ମଣ ସମାଜ ପକ୍ଷରୁ ଡଙ୍ଗରପାଉଁଶିଠାରେ ସାମୁହିକ ବ୍ରତପୋନୟନ କରାଯାଇଥିଲା। ଆଗାମୀ ଦିନରେ ମଧ ଏହି କାର୍ଯ୍ୟ ଜାରି ରହିବ ବୋଲି ସମାଜ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ବ୍ରାହ୍ମଣ ସମାଜ ଦ୍ୱାରା ଗଠିତ ନୂତନ କମିଟିର ୫ଟି ଜୋନର ସଭାପତି ଏବଂ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁନ୍ଦୁରା ବ୍ଲକରେ ୧୬ ଟି ପଞ୍ଚାୟତ ରହିଛି। ସେଥିରୁ ସମାଜ ୫ଟି ଜୋନରେ ଡଙ୍ଗର ପାଉଁଶି, କୁନ୍ଦୁରା, ଲିମା, ବାଣୁଆଗୁଡା ଏବଂ ଦିଗାପୁରକୁ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବଦ୍ରି ନାରାୟଣ ଆଚାର୍ଯ୍ୟ, ଶ୍ରୀକାନ୍ତ ଆଚାର୍ଯ୍ୟ, କାମ ଆଚାର୍ଯ୍ୟ, ବିକ୍ରମ ଭଞ୍ଜ, କାହ୍ନୁ ଶତପଥୀ, ବିବେକାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି।

## ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ

ଚିତ୍ରକୋଣ୍ଡା,୧୦।୪(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ୨୦୮ କେଜି ୮ଶହ ଗ୍ରାମ ଗଞ୍ଜେଇ ଜବତ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦିଲଶାଦ କୁରେଶି(୩୦), କସିମ ହୁସେନ(୩୩) ଓ ବିଜୟ କୁମାର ଶର୍ମା(୫୭)। ଏନେଇ ସୂଚନା ପାଇ ଚିତ୍ରକୋଣ୍ଡା ପୋଲିସର ଏକ ଟିମ୍ ଓଆଇସି ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା-ବାଲିମେଳା ମୁଖ୍ୟ ରାସ୍ତାର ମନ୍ତ୍ରୀପୁଟ ଛକ ନିକଟରେ ଜଗି ରହିଥିଲେ। ଏହି ସମୟରେ ଆସୁଥିବା ଏକ ନମ୍ବର ବିହୀନ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୮ଟି ବ୍ୟାଗରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାକୁ ଜବତ କରି ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଥିଲା। ଏଥିସହ ଅଟୋ ସହ ଯାଉଥିବା ଏକ ହିରୋମେଷ୍ଟ୍ରୋ (ସିଜି ୧୭ କେଏମ- ୨୦୧୯) ଜବତ ହୋଇଛି। ଅଭିଯୁକ୍ତଙ୍କଠାରୁ ପୋଲିସ ୪୫୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ,ଏଟିଏମ,ଭୋଟର ଆଇଡି କାର୍ଡ ଜବତ କରିଛି। ଏହି ଗଞ୍ଜେଇ ଚିତ୍ରକୋଣ୍ଡାର ସିଡ଼ିପାକା ଅଞ୍ଚଳରୁ ଦାନ୍ତେୱାଡାକୁ ଚାଲାଣ ହେଉଥିଲା। ଏନେଇ ଚିତ୍ରକୋଣ୍ଡା ଥାନାରେ ୪୯/୨୨ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

## ୫-ଟି ସଚିବଙ୍କୁ ଭେଟିଲେ ଜିଲା ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ

କୁନ୍ଦୁରା,୧୦।୪ (ଡି.ଏନ.ଏ.)

କୋରାପୁଟ ଜଲାର ନବ ନିର୍ବାଚିତ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଏବଂ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ରବିବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଭେଟିଛନ୍ତି। ଏହିଅବସରରେ ସେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ରହିଥିବା ବେଳେ ଅନେକ ଯୋଜନା ସମ୍ପର୍କରେ ଲୋକ ଜାଣି ନ ଥିବା ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ସେଗୁଡ଼ିକ ଯେପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଅଧିକ ଧ୍ୟାନ ଦେବାକୁ ଆଲୋଚନା ବେଳେ ସେ ପରାମର୍ଶ ଦେଇଥିଲେ। ବନ୍ଧୁଗାଁ ଏବଂ କୁନ୍ଦୁରା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ବିଜେଡି ପ୍ରତି ଆଶା ଓ ବିଶ୍ୱାସ ରଖି ବିଜୟୀ କରାଇଛନ୍ତି। ଲୋକଙ୍କ ବିଶ୍ୱାସ ଜିତିବା ଦିଗରେ ଗୁରୁତ୍ୱ ଦେବାକୁ ସଚିବ ଆଲୋଚନା ବେଳେ କହିଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ, ୧୦।୪(ଡି.ଏନ୍.ଏ.)

ଫିରିଙ୍ଗିଆ ଥାନା ପୋଲିସ ମାଣ୍ଡିପଡ଼ା ପାଖ ବୋଡାକାମ୍ବା ଅଞ୍ଚଳରେ ଚଢ଼ାଉ କରି ଏକ କାର୍‌ରୁ ୭୧ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ସାଲେପୁର ଅଞ୍ଚଳର ଆଲୋକ ସାହୁ ଏବଂ ଏସ୍‌କେ ମୁସ୍ତାକିନ। ଏ ନେଇ ନଂ. ୫୫/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ କହିଛନ୍ତି।

## ରାମନବମୀ ଉପଲକ୍ଷେ ବାଇକ୍‌ରେ ଗ୍ରାମ ପରିକ୍ରମା

ପଟ୍ଟାଙ୍ଗୀ,୧୦।୪(ଡି.ଏନ.ଏ.)

ସାରା ରାଜ୍ୟରେ ହନୁମାନ ମନ୍ଦିର ପରିସରରେ ରାମନବମୀ ପାଳନ ହେଉଥିବା ବେଳେ ଏଥିରୁ ସୀମାନ୍ତ ବ୍ଲକ ପଟ୍ଟାଙ୍ଗୀ ବାଦ ପଡିନାହିଁ। ମନ୍ଦିରରେ ସକାଳୁ ରୀତିନୀତି ସହ ପୂଜାର୍ଚ୍ଚନା ଚାଲିଥିଲା। ସ୍ଥାନୀୟ ଲୋକେ ପ୍ରଭୁ ହନୁମାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସ୍ଥାନୀୟ ଯୁବଗୋଷ୍ଠୀ ମନ୍ଦିର ପରିଚାଳନା କମିଟି ସହଯୋଗରେ ମନ୍ଦିର ପରିସରରୁ ଏକ ବାଇକ୍ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ବ୍ଲକ ସଦର ମହକୁମାର ଉପରସାହି, ଶିଶାଗୁଡା, ଗେଟସାହି ଆଦି ପରିକ୍ରମା କରି ମା' ଗାଙ୍ଗମା ମନ୍ଦିର ଦେଇ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲେ । ଏହି ସମୟରେ ଜୟ ଶ୍ରୀରାମ ନାରାରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ହନୁମାନ ମନ୍ଦିର ପରିଚାଳନା କମିଟିର ଲକ୍ଷ୍ମଣ ସାହାଣୀ, ଅଜିତ ଚୌଧୁରୀ, ମନୋଜ ଦାସ, ସନ୍ତୋଷ ମହାପାତ୍ର, କିରଣ ଚୌଧୁରୀ, ବିଜୟ ଖିଲ, ହରିଶ ବେହେରା, ପଞ୍ଚାନନ ବେହେରା, ଈଶ୍ୱର ବେହେରାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ଦୁଇ ଜିଲା ପରିଷଦ ସଭ୍ୟ ଟିକାଇ ଗେମେଲ ଓ ଲଇଛନ ଖରା ଅତିଥିଭାବେ ଯୋଗ ଦେଇଥିଲେ।



ଯୁବଗୋଷ୍ଠୀ ବାଇକ୍‌ରେ ଗ୍ରାମ ପରିକ୍ରମା କରୁଛନ୍ତି ।

## ଗଠିତହେଲା ସିଟିଜେନ ଟାସ୍କଫୋର୍ସ

କୋରାପୁଟ,୧୦।୪(ସ୍ୱ.ପ୍ର.)

କୋରାପୁଟ ଜିଲାରେ ରହିଥିବା ବିଭିନ୍ନ ସମସ୍ୟାର ଆଲୋଚନା ମାଧ୍ୟମରେ ସମାଧାନ ହେବ । ଏନେଇ କୋରାପୁଟ ପ୍ରେସ କ୍ଲବରେ ଆୟୋଜିତ ଏକ ସଭାରେ କୋରାପୁଟ ସିଟିଜେନ ଟାସ୍କ ଫୋର୍ସ ଗଠନ ହୋଇଛି । ଏହି ଟାସ୍କ ଫୋର୍ସର ଆବାହାକ ଭାବେ ପ୍ରେସ କ୍ଲବ ସଭାପତି କାର୍ଯ୍ୟ କରିବେ। ଏହି ମଞ୍ଚ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାର ଆଲୋଚନାଚକ୍ର କରିବ ବୋଲି ପ୍ରେସକ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର କହିଛନ୍ତି। କୋରାପୁଟରେ ନବନିର୍ବାଚିତ ପୌର ପରିଷଦ ପାଇଁ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ପ୍ରଦାନ କରାଯାଇଥିଲା । ଏହି ସମୟରେ ଉପସ୍ଥିତ ସହରବାସୀ ବସଷ୍ଟାଣ୍ଡର ନବୀକରଣଠାରୁ ଆରମ୍ଭ କରି ବାଇପାସ ନିର୍ମାଣ, ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ଉନ୍ନତି, ନାଳନର୍ଦ୍ଦମାର ପୁନରୁଦ୍ଧାର, ସହରର ଖେଳ ପଡିଆର ଉନ୍ନତି ସକାସେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ନବନିର୍ବାଚିତ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି ଯେ, ପ୍ରେସ କ୍ଲବ ପ୍ରଦତ୍ତ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ପ୍ରେସ କ୍ଲବ ଏକ ସୁଯୋଗ ଦେଇଛି। ଆଗାମୀ ଦିନରେ ଏ ଦିଗରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ସାଇକେର ପକ୍ଷରୁ ସ୍ମାର୍ଟ କ୍ଲାସ ଶୁଭାରମ୍ଭ

ନବରଙ୍ଗପୁର,୧୦।୪(ବି.ପ୍ର.)

ଗ୍ରାମାଞ୍ଚଳର ସବୁ ବର୍ଗର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇକେର ଏଜୁକେଶନ ପକ୍ଷରୁ ସ୍ମାର୍ଟ କ୍ଲାସ କକ୍ଷର ଶୁଭାରମ୍ଭ ହୋଇଛି। ଉନ୍ନତ ମାନ ଶିକ୍ଷା ତାଲିମ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଜିଲାର ବିଭିନ୍ନ ବିଦ୍ୟାଳୟକୁ ସ୍ମାର୍ଟ ବିଦ୍ୟାଳୟ ରୂପେ ଗଢାଯାଇଛି। ଅନୁରୂପଭାବେ ସଦର ମହକୁମା ଗାନ୍ଧୀନଗରସ୍ଥିତ ଏହି ଅନୁଷ୍ଠାନରେ ମଧ ଅନ୍ତେବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର କକ୍ଷ ଓ ଉତ୍ତମ ପରିବେଶରେ ସ୍ମାର୍ଟ କ୍ଲାସ କକ୍ଷ ନିର୍ମାଣ କରାଯାଇଛି। ଏହାକୁ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ବିଜୟ ଚୌଧରୀ ମୁଖ୍ୟବକ୍ତା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଗଣେଶ ଦାଶ, ଶୋକ ପଟ୍ଟନାୟକ, କପିଳ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଘାଟନୀ ସମାରୋହରେ ଏକ ଡେମୋ କ୍ଲାସ କରାଯାଇଥିଲା। ଏହାକୁ ଅଧ୍ୟାପିକା ରଶ୍ମିତା ମେହେର ପରିଚାଳନା କରିଥିଲେ। ଟେକ୍‌ନିକାଲ ଆସିଷ୍ଟାଣ୍ଟ ପୂର୍ଣ୍ଣଚନ୍ଦ୍ର ମେହେର ସହଯୋଗ କରିଥିଲେ। ଆଗାମୀ ଦିନରେ ଅନଲାଇନ ଶିକ୍ଷା ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ପାଢୀ ସୂଚନା ଦେଇଛନ୍ତି।

## ଯୁବତୀ ଫେରାରକୁ ନେଇ ଗ୍ରାମରେ ଉତ୍ତେଜନା

ଦଶମନ୍ତପୁର,୧୦।୪ ( ଡି.ଏନ.ଏ.)

ଜଣେ ବୁଲା ବେପାରୀ ଫେରିବାଲା ବଙ୍ଗାଳୀ ଯୁବକଙ୍କ ପ୍ରେମରେ ପଡ଼ି ଜଣେ ଯୁବତୀ ଗ୍ରାମରୁ ଉଦୁଲିଆ ଛୁ ମାରିଛନ୍ତି। ଏହାକୁ ନେଇ ଏବେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏଭଳି ଘଟଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ଗୁଲିମୁଣ୍ଡା ଗ୍ରାମରେ ଦେଖିବାକୁ ମିଳିଛି। ପରିବାର ପକ୍ଷରୁ ଦଶମନ୍ତପୁର ଥାନାରେ ଏତଲା ହୋଇଛି ।

ଖବରରୁ ଜଣାପଡ଼ିଛି, ଗତ ବର୍ଷେ ହେଲା ଗୁଲିମୁଣ୍ଡା ଗ୍ରାମର ଜଗ ନାୟକଙ୍କ ଘରେ ଜଣେ ବୁଲା ବେପାରୀ ଭଡ଼ାରେ ରହୁଥିଲେ। ସେ ବିଭିନ୍ନ ଗ୍ରାମରେ ବୁଲି ରସବାସନ ବିକ୍ରି କରୁଥିଲେ। ପଡ଼ୋଶୀ ଘରେ ରହୁଥିବା ଜଣେ ୨୨ ବର୍ଷୀୟା ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ଗୁରୁବାର ରାତିରେ ଚୈତ୍ର ପର୍ବ ପାଳନ ହେଉଥିଲା ବେଳେ ବଙ୍ଗାଳୀ ଯୁବକଙ୍କ ସହ ସମ୍ପୃକ୍ତା ଯୁବତୀ ଜଣକ ଫେରାର ହୋଇଯାଇଥିଲେ। ତେବେ ବୁଲା ବେପାରୀ ଜଣକ ପ୍ରଥମେ ଯାହା ଘରେ ରହୁଥିଲେ ପରିବାର ଲୋକେ ତାଙ୍କୁ ପଚରାଉଚରା କରିଥିଲେ ମଧ କିଛି ସୁରାକ ପାଇ ନ ଥିଲେ। ଜଗଙ୍କୁ ପଚାରିବାରୁ ସେ ମଧ ତାଙ୍କ ଠିକଣା କହିପାରି ନ ଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ରବିବାର ଜଣେ ବୟସ୍କ ବୁଲା ବେପାରୀ ବିଭିନ୍ନ ପୋଷାକ ଧରି ଗ୍ରାମକୁ ଯାଇଥିଲେ। ସମ୍ପୃକ୍ତ ବଙ୍ଗାଳୀ ଯୁବକଙ୍କ ପରିଚୟ ତାଙ୍କୁ ପଚାରି ଗ୍ରାମବାସୀ ଘେରାଉ କରିଥିଲେ। ସେ ଜାଣି ନ ଥିବା କହିବାରୁ ଗ୍ରାମବାସୀ ତାଙ୍କୁ ଥାନା ଜିମା ଦେଇଛନ୍ତି।

# 'ବାଲ୍ୟ ବିବାହକୁ ରୋକିବାକୁ ଜନଆନ୍ଦୋଳନ ଲୋଡ଼ା'

**ଆଲୋଚନାଚକ୍ରରେ ମତ**

ମାଲକାନଗିରି, ୧୦।୪(ଡି.ଏନ.ଏ.)

ମାଲକାନଗିରି ଜିଲା ଓକିଲ ସଂଘ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଆନୁକୁଲ୍ୟରେ ମାଲକାନଗିରି ଜିଲାକୁ ବାଲ୍ୟବିବାହମୁକ୍ତ ଜିଲାରେ ପରିଣତ କରିବାକୁ ଏକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହକୁ ରୋକିବାକୁ ଜନଆନ୍ଦୋଳନର ଆବଶ୍ୟକତା ଥିବା ଆଲୋଚନା ବେଳେ ମତ ପ୍ରକାଶ ପାଇଛି। ଏଥିରେ ଜିଲା ଓକିଲ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଜିଲା ଶିଶୁ ମଙ୍ଗଳ ସମିତି ସଭାପତି ଅଶୋକ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଆଇନ ଅଧିକାରୀ ସତ୍ୟଜିତ ପଣ୍ଡା, ଜିଲା ଓକିଲସଂଘର ପୂର୍ବତନ ସଭାପତି ଲମ୍ବୋଧର ଡୁରୁକ, ରତିକୃଷ୍ଣ ପାତ୍ର, ଦୁର୍ଗା ପ୍ରସାଦ ତ୍ରିପାଠୀ, ନିତ୍ୟାନନ୍ଦ ପ୍ରଧାନ, ମନୋଜ ସାହୁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ଜିଲାରେ ବାଲ୍ୟ ବିବାହର ସ୍ଥିତି, ଜିଲାର ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମାଜିକ ପ୍ରଥା ଓ ପରମ୍ପରା, ସଚେତନତାର ଅଭାବ ନେଇ ଆଲୋଚନା ହୋଇଥିଲା ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନଲେ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
9471160476
Whatsapp: 8902923601

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)
ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩ (ଚୈତ୍ର ଶୁକ୍ଳ ଦଶମୀ)
ସମୟ ସ୍ରୋତରେ ଆଠବର୍ଷ ବିତିଗଲାଣି। ଆଜି ବି ସମସ୍ତେ ତୋତେ ସେହିପରି ଖୋଜନ୍ତି, ଭଲ ପାଆନ୍ତି। ଠାକୁର କାହିଁକି ଏପରି କଲେ ତା'ର ଉତ୍ତର ଆଜି ବି ଆମେ ପାଉନୁ। ତୋରି ମା' ଝାଡ଼େଶ୍ୱରୀଙ୍କ ପାଖେ ପ୍ରାର୍ଥନା ସେ ତୋତେ ତାଙ୍କ ପାଖରେ ସୁରକ୍ଷିତ ରଖିଥାନ୍ତୁ।
ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୯୩୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ତାପସ ରଞ୍ଜନ ରାୟ
ନୂଆପଡ଼ା, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୩।୦୬।୧୯୬୪
ତିରୋଧାନ: ୨୨।୦୪।୨୦୨୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଜୟଦେବ ଯୁବ ସାମ୍ବାଦିକ ସଂଘ ତରଫରୁ ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ୰ତାପସ ସାର୍‌ଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଧ-୬୧୮୬୭

